# Akashvani, Sambalpur

## SAMBALPURI NEWS EVENING BULLETIN

## 16 June 2026-7.02- 7.12 pm.

---

୧- ରାଷ୍ଟ୍ରପତି ଆଉ ପ୍ରଧାନ୍‌ମନ୍ତ୍ରୀଙ୍କର୍ ଓଡ଼ିଶା ଗସ୍ତ ସମିଆଥି ସୁରକ୍ଷା ବ୍ୟବସ୍ଥାର୍ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ ।

୨- ନିଟ୍ ୟୁଜି ପୁନଃ ପରୀକ୍ଷାକେ ସ୍ୱଚ୍ଛ ଆଉ ସୁରକ୍ଷିତ୍ ପରିଚାଳନା କର୍‌ବାର୍ ଲାଗି ଟେଲିଗ୍ରାମ୍ ଆପ୍ ଉପ୍‌ରେ କଟକ୍‌ନା ଜାରି କଲେ ସର୍‌କାର୍ ।

୩- ସମ୍ବଲ୍‌ପୁର୍ ଶୀତଲ୍‌ଷଷ୍ଠୀ ଯାତ୍ରାଥି ଆଏଜ୍ ଝାଡୁଆପଡ଼ା, ମୁଦିପଡ଼ା ସହେତେ ଭିନ୍ ଭିନ୍ ଶିବ ମନ୍ଦିର୍ ନ ହେଉଛେ ପତର୍‌ପେଁଡ଼ି ।

ଆଉର୍

୪- କାଲ୍‌ବୈଶାଖୀର୍ ବଲେ ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ସହେତେ ରାଜ୍ୟର୍ ପାଖାପାଖି ସବୁ ଜାଗା ନ ଧୁକାଗର୍ଡ଼ି ସାଙ୍ଗେ ହେଇପାରେ ବର୍ଷା- ସୂଚ୍‌ନା ଦେଲା ପାଣିପାଗ୍ କେନ୍ଦ୍ର ।

ରାଷ୍ଟ୍ରପତି, ପ୍ରଧାନ୍‌ମନ୍ତ୍ରୀ-ଓଡ଼ିଶା ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟ ସର୍‌କାର୍‌ଙ୍କର୍ ସଫଲ୍ ୨ ବଛର୍ ଆଉ କେନ୍ଦ୍ର ସର୍‌କାର୍‌ଙ୍କର୍ ୧୨ ବଛର୍ ପୂର୍ତି ଅବ୍‌ସରେ ଆଏବା ୧୯ ଆଉ ୨୦ ତାରିଖ୍ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଉ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ଗସ୍ତଥି ଆସୁଛନ୍ । ଇ ହାଇପ୍ରୋଫାଇଲ୍ ଗସ୍ତକେ ଠିକ୍ ଭାବେ ପରିଚାଲନା କର୍‌ବାର୍ ଆଉ ସୁରକ୍ଷା ବ୍ୟବସ୍ଥାକେ କଡ଼ାକଡ଼ି କର୍‌ବାର୍ ଲାଗି ଆଏଜ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଗୁଟେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ୍ କରିଛନ୍ । ବୈଠକ୍‌ଥି ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ, ପୁଲିସ୍ ମହାନିର୍ଦ୍ଦେଶକ୍ ୱାଇ.ବି. ଖୁରାନିଆ, ଗୃହବିଭାଗ୍ ଏ.ସି.ଏସ୍. ହେମନ୍ତ ଶର୍ମାଙ୍କର୍ ସହେତେ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ । ମୁଖ୍ୟମନ୍ତ୍ରୀ ଇ ଅବ୍‌ସରେ କହିଛନ୍, ରାଷ୍ଟ୍ରପତି ଆଏବା ୧୯ ତାରିଖ୍ ମୟୁର୍‌ଭଞ୍ଜ୍ ନ ପୁହୁଁଚିବେ ଆଉ ଜୁନ୍ ୨୦ ତାରିଖ୍ ତାଙ୍କର୍ ଜନମ୍‌ଦିନ୍ ଦିନ ସେ ରାଇରଙ୍ଗ୍‌ପୁର୍ ନ ରହେବେ । ସେହିଦିନ ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ଭିଲ୍ ରାଇରଙ୍ଗ୍‌ପୁର୍ ନ ପୁହୁଁଚିକରି ରାଷ୍ଟ୍ରପତିଙ୍କର୍ ସହେତେ ମିଳିତ ମଂଚନୁ ସାଧାରଣ୍ ସଭାକେ ସମ୍ବୋଧିତ୍

କର୍‌ବେ । ଇ ଅବ୍‌ସରେ ଓଡ଼ିଶା ଆଉ ମୟୁର୍‌ଭଞ୍ଜ୍ ଲାଗି ଭିନ୍ ଭିନ୍ ପ୍ରକଳ୍ପର୍ ଶିଳାନ୍ୟାସ୍ ଆଉ ଉଦ୍‌ଘାଟନ୍ କରାଯିବା ।

ମୁଖ୍ୟମନ୍ତ୍ରୀଙ୍କର୍ ଅଭିନନ୍ଦନ୍ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସ୍ଲୋଭାକିଆର୍ ପ୍ରତିଷ୍ଠିତ ନାଗରିକ୍ ସମ୍ମାନ୍ 'ଦି ଅର୍ଡର ଅଫ୍ ଦି ହ୍ୱାଇଟ୍ ଡବଲ୍‌କ୍ରସ୍ ଫାଷ୍ଟକ୍ଲାସ୍' ପ୍ରଦାନ୍ କରାଯାଇଥିବାର୍‌ନୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ପ୍ରଧାନ୍‌ମନ୍ତ୍ରୀଙ୍କୁ ହାର୍ଦ୍ଦିକ୍ ଅଭିନନ୍ଦନ୍ ଜନେଇଛନ୍ । ସାମାଜିକ୍ ଗଣମାଧ୍ୟମଥି ଶ୍ରୀ ମାଝୀ କହିଛନ୍, ପ୍ରଧାନ୍‌ମନ୍ତ୍ରୀଙ୍କର୍ ନେତୃତ୍ୱ ଆଉ ବିଶ୍ୱ ମଂଚ ନ ଭାରତ୍‌ର ପ୍ରତିଷ୍ଠା ବଢ଼ାବାର୍ ଲାଗି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ଇ ସମ୍ମାନ୍ ପାଇଛନ୍ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ନେତୃତ୍ୱଥି ଭାରତ୍ ବିଶ୍ୱମଂଚ୍‌ନ ନୂଆଁ ଶିଘାକେ ପୁହୁଁଚିବାର୍ ସହେତେ ପୁର୍‌ଥିର୍ ଭିନ୍ ଭିନ୍ ଦେଶ୍ ଭିତ୍‌ରେ ନିଜର୍ ସମ୍ପର୍କକେ ଆହୁରି ବର୍‌କସ୍ କର୍‌ବା ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଶ୍ କରିଛନ୍ ।

ଏନ୍‌ଟିଏ-ଟେଲିଗ୍ରାମ ବ୍ୟାନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ନିଟ -ୟୁଜି ୨୦୨୬ ପୁନଃ ପରୀକ୍ଷା ଆଗ୍ରୁ କେନ୍ଦ୍ର ସରକାର ସାମାଜିକ୍ ଗଣମାଧ୍ୟମ୍ ଆପ୍ ଟେଲିଗ୍ରାମ ଉପରେ ଇମାସ ୨୨ ତାରିଖ ତକ୍ କଟକଣା ଜାରି କରିଛନ୍ । ସେନ୍ତା ଆଏବା ୨୧ ତାରିଖ ନିଟ-ୟୁଜି ପ୍ରବେଶିକା ପରୀକ୍ଷା ଫେର୍ଘାଏ ହେବା । ଜାତୀୟ ପରୀକ୍ଷଣ ସଂସ୍ଥା-ଏନ୍ଟିଏ, କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଆଉ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟର ଇ ନିଷ୍ପତିକେ ସ୍ୱାଗତ୍ କରିଛେ । ଇ ମାସ ୩୦ ତାରିଖ୍ତକ୍ କେନ୍ସି ମେସେଜ୍କୁ ଯେନ୍ତା ସଂଶୋଧନ କରାଯାଇ ନାଇ ପାର୍ବା ସେଥିର୍ଲାଗି ପଦକ୍ଷେପ ନେବାର୍କୁ ଟେଲିଗ୍ରାମକେ ନିର୍ଦ୍ଦେଶ ଦିଆଯାଇଥିବା ଏନ୍ଟିଏ ତର୍ଫୁ କୁହାଯାଇଛେ । ଗଲା ନିଟ୍-ୟୁଜି ପରୀକ୍ଷା ପ୍ରଶ୍ନପତ୍ରକେ ସାମାଜିକ ଗଣମାଧ୍ୟମ୍ ଟେଲିଗ୍ରାମଥି ସଂଶୋଧନ୍ କରାଯାଇକରି ପ୍ରଶ୍ନପତ୍ର ପ୍ରଘଟ କରାଯାଇଥିବା ଅଭିଯୋଗ ହେଇଥିଲା । ଛାତ୍ରଛାତ୍ରୀମାନ୍କର୍ ବୃହତର ସ୍ୱାର୍ଥକେ ନଜର୍ଥି ରଖିକରି ଇଲେକ୍ଟ୍ରୋନିକ୍ସ ଆଉ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟର ଇ ପଦକ୍ଷେପ ସ୍ୱଚ୍ଛ ଆଉ ସୁରକ୍ଷିତ ପରୀକ୍ଷା ପରିଚାଲ୍ନା ଦିଗେ ସାହାଜ୍ କର୍ବା ବଲି ଏନ୍ଟିଏ ତର୍ଫୁ କୁହାଯାଇଛେ ।

ଶୃଙ୍ଖଳିତ ନିଟ୍ ପରୀକ୍ଷା-ବୈଠକ            ହି.ସ.

ନିଟ୍ ପରୀକ୍ଷାକେ ଶୃଙ୍ଖଳିତ୍ କର୍‌ବାର୍ ଲାଗି ଭୁବନେଶ୍ୱର୍ ଲୋକସେବା ଭବନ ନ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ଗୁଟେ ବୈଠକ ହେଇଯାଇଛେ । ପରୀକ୍ଷାକେନ୍ଦ୍ରକେ ଛାତ୍ରଛାତ୍ରୀ ମାନ୍‌କର୍ ଯା'ଆସ୍ ଲାଗି ବସ୍‌ର ବ୍ୟବସ୍ଥା କର୍‌ବାର୍ ଲାଗି ନିର୍ଦ୍ଦେଶ୍ ଦିଆଯାଇଛେ । ରାଏଜେ ତ୍ରୁଟିଶୂନ୍ୟ ନିଟ୍ ପରୀକ୍ଷା ଆୟୋଜନ୍ ଲାଗି ସବୁ ବ୍ୟବସ୍ଥା କରାଯିବାର୍ ଉପରେ ଜୋର୍ ଦିଆଯାଇଛେ । ସେଆଡ଼େ ସୁରକ୍ଷିତ୍ ନିଟ୍-ୟୁଜି ପୁନଃ ପରୀକ୍ଷା ଆଉ ପରିଚାଳନାଗତ ପ୍ରସ୍ତୁତିକେ ନେଇକରି ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ୍ ମୋହନ୍‌ଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ହେଇଯାଇଛେ । ପରୀକ୍ଷା କେନ୍ଦ୍ର ନ ମୌଳିକ ସୁବିଧା ସୁଯୋଗ ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ପ୍ରସ୍ତୁତି ବାବ୍‌ଦେ ବୈଠକ୍‌ଥି ଆଲୋଚନା ହେଇଥିଲା । ଛାତ୍ରଛାତ୍ରୀମାନ୍‌କର୍ ଯାତ୍ରାକେ ସୁ-ବ୍ୟବସ୍ଥିତ କରିବାର୍ ଆଉ ପରୀକ୍ଷା କେନ୍ଦ୍ର ନ ସୁରକ୍ଷା ମାର୍ଗଦର୍ଶିକାର୍ କଡ଼ାକଡ଼ି ଅନୁପାଳନ ଲାଗି ଶ୍ରୀ ମୋହନ ସବୁ ରାଜ୍ୟ ଆଉ କେନ୍ଦ୍ରଶାସିତ ଅଂଚଲ୍‌ମାନ୍‌କୁ ପରାମର୍ଶ ଦେଇଛନ୍ ।

ଏନ୍‌ଟିଏ ନିଟ୍-ଆଡ୍‌ମିଟ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଏନ୍‌ଟିଏ ତର୍‌ଫୁ ଆଏବା ୨୧ ତାରିଖ୍ ହେବାର୍‌କେ ଥିବା ନିଟ୍-ୟୁଜି ପୁନଃ ପ୍ରବେଶିକା ପରୀକ୍ଷା ଲାଗି ଆଡ୍‌ମିଟ୍ କାର୍ଡ ଏନ୍‌ଟିଏ ୱେବସାଇଟ୍‌ଥି ମିଲିପାରୁଛେ । ସୂଚ୍‌ନା ଅନସାରେ ଆଡ୍‌ମିଟ୍ କାର୍ଡ ମିଲ୍‌ବାର୍ ୨୪ଘଂଟା ଭିତ୍‌ରେ ୧୦ ଲାଖ୍‌ନୁ ଅଏତ୍‌କା ପରୀକ୍ଷାର୍ଥୀ ଏଡ୍‌ମିଟ୍‌କାର୍ଡ଼ ଡାଉନ୍‌ଲୋଡ୍ କରିଛନ୍ । ପରୀକ୍ଷାର୍ଥୀମାନେ ଯେନ୍ତା ସହଜ୍‌ଥି ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ କରିପାର୍‌ବେ ସେଥିର୍‌ଲାଗି ସବୁପ୍ରକାର୍ ପଦକ୍ଷେପ୍ ନିଆଯାଇଛେ ।

ଏସ୍‌ସି-ଆଧାର ଏନ୍‌ଏସ୍‌ଡି

ଆଧାର ଏକକ ପରିଚୟପତ୍ରର ଦୁର୍ବ୍ୟବହାର ବାବ୍‌ଦେ ହେଇଥିବା ଆବେଦନ୍‌ର ଶୁଣାଣି ଲାଗି ସୁପ୍ରିମ୍‌କୋର୍ଟ -କେନ୍ଦ୍ର ଆର୍ ରାଜ୍ୟ ସରକାରମାନ୍‌କୁ ଜବାବ ଦାଖଲ କର୍‌ବାର୍ ଲାଗି ନିର୍ଦ୍ଦେଶ ଦେଇଛନ୍ । ନାଗରିକତା, ଆବାସିକ ଠିକଣା ଆଉ ରହେବାର୍ ଜାଗା କ୍ଷେତ୍ରଥି ଆଧାର ପରିଚୟପତ୍ର ବେଭାର୍ ଉପରେ

କଟ୍‌କନା ଜାରି କର୍‌ବାର୍ ସହେତେ ଇତାକେ ଖାଲି ଚିହ୍ନଟ ପ୍ରମାଣପତ୍ର ଭାବେ ବେଭାର୍ କର୍‌ବାର୍‌କେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ । ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଆଉ ଜଷ୍ଟିସ ଭି. ମୋହନାଙ୍କର୍ ଖଣ୍ଡପୀଠ ଇ ମାମଲାର୍ ବିଚାର୍ କରିକରି ଜବାବ ଦାଖଲ୍ କରିବାର୍ ଲାଗି କେନ୍ଦ୍ର ଆଉ ରାଜ୍ୟ ସରକାରଙ୍କୁ କହିଛନ୍ ।

କ୍ଷେପଣାସ୍ତ୍ର ପରୀକ୍ଷଣ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭଦ୍ରକ ଜିଲ୍ଲା ଧାମରାର ଏପିଜେ ଅବଦୁଲ କଲାମ ଦ୍ୱୀପନୁ ଦୂରଗାମୀ କ୍ରୁଜ୍ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପ୍ରତିରକ୍ଷା ଗବେଷଣା ବିକାଶ ସଂଗଠନ - ଡିଆର୍‌ଡିଓ'ର ବୈଜ୍ଞାନିକ ଆର୍ ଇତାର୍‌ସାଙ୍ଗେ ଜଡ଼ିତ ସବୁ କର୍ମକର୍ତାମାନଙ୍କୁ ଅଭିନନ୍ଦନ ଜନେଇଛନ୍ । ସାମାଜିକ ଗଣମାଧ୍ୟମଥି ମୁଖ୍ୟମନ୍ତ୍ରୀ କହିଛନ୍ତି, ଇ ସଫଳତା ଦେଶର୍ ସ୍ୱଦେଶୀ ପ୍ରତିରକ୍ଷା ପ୍ରଯୁକ୍ତି କ୍ଷମତାର ଅଗ୍ରଗତିର ଗୁଟେ ସଶକ୍ତ ପ୍ରମାଣ ଆଏ । ଦୂରଗାମୀ ଆକ୍ରମଣକାରୀ କ୍ରୁଜ୍ ମିଜାଇଲ୍‌ର ସଫଲ୍ ପରୀକ୍ଷଣ ଦେଶର

ରଣନୈତିକ ଶକ୍ତିକେ ଆହୁରି ବର୍‌କସ୍ କର୍‌ବାର୍‌ଥି ସାହାଜ୍ କର୍‌ବା । ଇ ଉପଲବଧି ଭାରତର ପ୍ରତିରକ୍ଷା ଗବେଷଣା ଆଉ ବିକାଶ କ୍ଷମତାକେ ନୂଆଁ ପରିଚୟ ଦେବାର୍ ସହେତେ ଆତ୍ମନିର୍ଭର ପ୍ରତିରକ୍ଷା ଗଠନ ଦିଗେ ଆଉ ଗୁଟେ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଁଟା ହେଇଛେ ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ପତର୍‌ପେଁଡ଼ି ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁରର୍ ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରାଥି ଝାଡୁଆପଡ଼ାର୍ ଶ୍ରୀ ଶ୍ରୀ ଲୋକ୍‌ନାଥ୍ ବାବା ଆର୍ ମୁଦିପଡ଼ାର୍ ଶ୍ରୀ ଶ୍ରୀ ଜାଗେଶ୍ୱର୍ ବାବାଙ୍କର୍ ସହେତେ ଅଲ୍‌ଗା ଶିବମନ୍ଦିର୍ ମାନ୍‌କେ ଆଏଜ୍ ପତର୍‌ପେଁଡ଼ି ହେଉଛେ । ସୂଚ୍‌ନା ଅନ୍‌ସାରେ ଶଙ୍ଖ, ଘଂଟ, ଦୁଲ୍‌ଦୁଲି ଆଉ ଲୋକନାଚ୍ ଦଲ୍ ସାଙ୍ଗେ ନେଇକରି ବରପିତା, ସପ୍ତଋଷି ଆର୍ ପଡ଼ା ମାନ୍‌କର୍ ମୁରବୀ ମାନେ କନିଆ ଖୁଜ୍‌ବାର୍‌କେ ଶୋଭାଯାତ୍ରାଥି ବାହାରିଛନ୍ । ଇ ବାବ୍‌ଦେ ଝାଡୁଆପଡ଼ା ଶୀତଲ୍‌ଷଷ୍ଠୀ ଯାତ୍ରା କମିଟିର୍ ସଭାପତି ସରୋଜ୍ ଦଲ୍‌ପତ୍ କହିଛନ୍....

(ଭଏସ୍ ଓଭର୍-ସରୋଜ୍ ଦଲ୍‌ପତ୍)

ଆଏବାକାଏଲ୍ ଶିବମନ୍ଦିର୍ ମାନ୍କର୍ ମହାଦେବଙ୍କର୍ ବିହା ଲାଗି ଗୁଆଗୁଁଡ଼ା ଦିଆଯିବା ।

ଆଏବା ୧୮ ତାରିଖ୍ ଗୁରୁବାର୍ ରାତି ସବୁ ଶିବ ମନ୍ଦିର୍ର ଦେବଦେବ ମହାଦେବ ବରାତି ବାହାରିବେ । ବ୍ରାହ୍ମମୁହୂର୍ତ ନ କନ୍ୟାମାତାପିତାଙ୍କର୍ ଜାଗାଥି ଦେବଦେବ ମହାଦେବ ଆର୍ ଜଗତ୍ଜନନୀ ମାତା ପାର୍ବତୀଙ୍କର୍ ଲୌକିକ ବିହାଘର୍ ହେବା । ୧୯ ତାରିଖ୍ ଶୁକ୍ରବାର୍ ଅଧରାତିନୁ ଦେବଦମ୍ପତିଙ୍କର୍ ନଗର୍ ପରିକ୍ରମା ଯାତ୍ରା ବାହାରିକରି ୨୦ ତାରିଖ୍ ଉପର୍ବେଲା ଦେବଦମ୍ପତି ନିଜର୍ ନିଜର୍ ମନ୍ଦିର୍କେ ଫିର୍ବେ ।

ମହାନଦୀ ଜଳବିବାଦ ଆର୍ଏନ୍ୟୁ/ କଟକ୍

ମହାନଦୀ ଜଳବିବାଦ ମାମ୍ଲାଥି ଟ୍ରିବ୍ୟୁନାଲର ନିର୍ଦ୍ଦେଶ ଅନ୍ସାରେ ଆଏଜ୍ଠାନୁ ନୂଆଦିଲ୍ଲୀ ନ ଓଡ଼ିଶା ଆଉ ଛତିଶଗଡ଼ ଭିତ୍ରେ ଆଲୋଚନା ମୁଲ୍ ହେଇଛେ । ଜୁନ୍ ୨୬ ତାରିଖ ତକ୍ ଚାଲ୍ବାକେ ଥିବା ବୈଠକଥି ଦୁହି ରାଜ୍ୟର ପ୍ରତିନିଧିମାନେ ମହାନଦୀ ଜଳବଂଟନ୍ ଆଉ ଇତାର୍ସାଙ୍ଗେ ଜଡ଼ିତ ଭିନ୍ ଭିନ୍ ପ୍ରସଙ୍ଗ ବାବ୍ଦେ ଆଲୋଚନା କରୁଛନ୍ । ସୂଚନା ଅନ୍ସାରେ

ଇ ଆଲୋଚନାର୍ ସବିଶେଷ ରିପୋର୍ଟ ଟ୍ରିବ୍ୟୁନାଲଙ୍କର୍ ପାଶେ ଦାଖଲ୍ କରାଯିବା ।

ସାମ୍ବାଦିକ ସମ୍ମିଳନୀ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ୪୪ ହଜାର ଲକ୍ଷପତି ଦିଦି ତିଆର୍ କରାଯାଇଛେ ବଲି ପଂଚାୟତିରାଜ୍ ଆଉ ଗ୍ରାମ୍ୟଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାୟକ କହିଛନ୍ । ନୂଆପଡ଼ା ଜିଲ୍ଲାପାଲ୍ଙ୍କର୍ ସଦ୍‌ଭାବନା ଗୃହ ନ କେନ୍ଦ୍ର ସରକାରଙ୍କର୍ ୧୨ ବଛର୍ ଆଉ ରାଜ୍ୟ ସରକାରଙ୍କର୍ ୨ ବଛର୍ ପୂର୍ତି ଅବସରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀଥି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍, ସେମାନକର୍ ଭିତ୍‌ରେ ୩୬ ହଜାରନୁ ଅଏତ୍‌କା ଲକ୍ଷପତି ଦିଦିଙ୍କୁ ବେଙ୍କ୍ ସହେତେ ଜୁଡ଼ିକରି ଋଣ ବାବ୍‌ଦେ ୯୨ ଲାଖ୍ ଟଙ୍କା ଆର୍ଥିକ ସାହାଜ୍ ଦିଆଯାଇଛେ । ଇତାର୍‌ଛଡ଼ା ମନ୍ତ୍ରୀ ଶ୍ରୀ ନାଏକ୍ ସାମ୍ବାଦିକ ଆଉ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ ।

ସଚେତନତା କାର୍ଯ୍ୟକ୍ରମ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ବଲାକିରା ବ୍ଲକ୍ ଠାନେ ଆଇନସେବା ପ୍ରାଧିକରଣ ତରଫ଼ୁ ହେଇଥିବା ସଚେତନତା କାର୍ଯ୍ୟକ୍ରମଥି ଶିଶୁ ଶ୍ରମିକ ଆଇନ, ଯୌତୁକ ନିର୍ଯାତନା ଆଉ ମହିଳା ସୁରକ୍ଷା ବାବ୍‌ଦେ ଆଲୋଚନା କରାଯାଇଥିଲା । ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଅଧ୍ୟକ୍ଷ ଆଉ ଜିଲ୍ଲା ଦୌରାଜଜ୍ ପ୍ରତାପ କୁମାର ପାତ୍ରଙ୍କର୍ ସହେତେ ଆଇନ ବିଭାଗ ଆଉ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଜିଲ୍ଲାସ୍ତରୀୟ ସଭାଗୃହ ବୈଠକ ଦେବ୍‌ଗଡ଼୍ ସମ୍ବାଦଦାତା

ରାଜ୍ୟ ସର୍‌କାର୍‌ଙ୍କର୍ ୨ ବଛର୍ ପୂର୍ତି ଅବ୍‌ସରେ ଦେବ୍‌ଗଡ଼୍ ନ ଥିବା ପଶ୍ଚିମ ଓଡ଼ିଶା ବିକାଶ୍ ପରିଷଦ୍‌ର ପ୍ରେକ୍ଷାଳୟ ନ ଜିଲ୍ଲାସ୍ତରୀୟ ବୈଠକ୍ ହେଇଯାଇଛେ । ରାଜସ୍ୱ ମନ୍ତ୍ରୀ ସୁରେଶ୍

ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ବିକଶିତ୍ ଓଡ଼ିଶା-୨୦୩୬ ଭିଜନ୍ ସାକାର୍ କର୍‌ବାର୍ ଲାଗି ଆହ୍ୱାନ୍ ଦେଇଥିଲେ । ବିଧାୟକ୍ ରୋମାଂଚ ରଞ୍ଜନ୍ ବିଶ୍ୱାଲ୍, ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ, ଆରକ୍ଷୀ ଅଧିକ୍ଷକ୍ କିଶୋର୍ ଚନ୍ଦ୍ର ମୁଣ୍ଡଙ୍କର୍ ଉପସ୍ଥିତିଥି ପ୍ରଗତି ପ୍ରବାହ ଆଉ ୨ ବର୍ଷେ ୨ ଗୁନା ବିକାଶ୍ ବହି ଉନ୍ମୋଚିତ୍ ହେଇଥିଲା । ଇତାର୍ ସହେତେ ଅତିଥିମାନେ ସିଏମ୍ କିଷାନ୍, ପି.ଏମ୍. ଆବାସ, ଲକ୍ଷପତି ଦିଦି ସହେତେ ଭିନ୍ ଭିନ୍ ଯୋଜ୍‌ନାର୍ ହିତାଧିକାରୀମାନ୍‌କୁ ସାହାଜ୍ ବାଂଟିଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାକେ ପୁହୁଁଚିଛେ । ଭୁବନେଶ୍ୱର ଆଂଚଲିକ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚନା ଅନୁସାରେ ପାଗ ଅନୁକୂଳ ରହିଥିବାର୍‌ନୁ ଆଏଜ୍ ରାଜ୍ୟର ଆଉ କେତେ ଇଲାକାକେ ମୌସୁମୀ ଛୁଇଁଛେ । ଆଏବା ୩ ନୁ ୪ ଦିନ ଭିତ୍‌ରେ ଅଲ୍‌ଗା ଜିଲ୍ଲାମାନ୍‌କୁ ମୌସୁମୀ ବାୟୁ

ଆଗ୍‌କେ ବଢ଼୍‌ବା ବଲି ପାଣିପାଗ ବିଭାଗ ତର୍‌ଫୁ ଅନୁମାନ କରାଯାଇଛେ । ସେଆଡ଼େ ଇ ହପ୍ତା ଶେଷ ତକ୍ କାଲବୈଶାଖୀର ପ୍ରଭାବ ରହେବା । ଆଏବା ୨୪ ଘଂଟା ଭିତ୍‌ରେ ପଶ୍ଚିମ ଓଡ଼ିଶାର୍ ଜିଲ୍ଲାମାନ୍‌କର୍ ସହେତେ ରାଏଜର୍ ପାଖାପାଖି ସବୁ ଜିଲ୍ଲା ନ ଧୁକାଗର୍ଡ଼ି ସାଙ୍ଗେ ବର୍ଷା ହେଇପାରେ ବଲି ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।